ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-I&PR(OD)-1360-27/02/2021

# ଆଚାର୍ଯ୍ୟ ହରିହରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଓଡିଆ ଭାଷା ବିଶ୍ୱ ବିଦ୍ୟାଳୟ ଆଚାର୍ଯ୍ୟ ହରିହରଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।**

**-ମନ୍ତ୍ରୀ ରଘୁନନ୍ଦନ ଦାସ**

**ଭୁବନେଶ୍ୱର ତା- ୨୭.୨.୨୦୨୦**

ଆଚାର୍ଯ୍ୟ ହରିହର ସାଧାରଣ ମଣିଷ ହୋଇ ମଧ୍ୟ ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱରୁ ରହି ସମାଜର ବିକାଶ, ଅଶିକ୍ଷା ଓ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଏବଂ ସାଧୀନତା ଆନ୍ଦୋଳନ ପାଇଁ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତାକୁ ଆପଣେଇଥିଲେ । ସେହି ସତ୍ୟବାଦୀର ବକୁଳ ବନବିଦ୍ୟାଳୟଠାରେ ଓଡିଶା ବିଶ୍ୱ ବିଦ୍ୟାଳୟର ନିର୍ମାଣ ଶୈଳୀ(ଡିଜାଇନ୍)କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବକୁଳ ବନ ବିଦ୍ୟାଳୟର ସେହି ଋଷି ପ୍ରତୀମ ଆଚାର୍ଯ୍ୟ ହରିହର ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ପଂଚସଖାମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆଜି ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ **୧୪୩** ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ପ୍ରକାଶ କରିଛନ୍ତି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଓ ଭୁବନେଶ୍ୱର ସ୍ଥିତ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଉଭୟ ମଂଚ ଓ ଭର୍ଚୁଆଲ ବ୍ୟବସ୍ଥାରେ ଆଜି ସଂଧ୍ୟାରେ ଜୟଦେବ ଭବନଠାରେ ଆୟୋଜିତ ଆଚାର୍ଯ୍ୟ ହରିହରଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀରେ ପ୍ରାରମ୍ଭରେ ଅତିଥିମାନେ ଏହି ପୁଣ୍ୟାତ୍ମାଙ୍କ ପ୍ରତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନ ଯାପନର କାହାଣୀ ଉପସ୍ଥାପନ କରି ପୁରୀ ଜିଲ୍ଲା ଶ୍ରୀରାମଚନ୍ଦ୍ରପୁରରେ ଜନ୍ମଗ୍ରହଣ କରି ସମାଜ ପାଇଁ ଆଚାର୍ଯ୍ୟଙ୍କ କାର୍ଯ୍ୟ ଓ ତ୍ୟାଗ ଯୁଗେ ଯୁଗେ ତାଙ୍କୁ ଆଦର୍ଶ କରି ରଖିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଆଚାର୍ଯ୍ୟ ହରିହର ଭୂଦାନ, ନାରୀଶିକ୍ଷା ଓ ଶିକ୍ଷାର ବିକାଶ ଏବଂ ରାଜନୈତିକ ଓ ସାମାଜିକ ସଂସ୍କାରର ବାର୍ତା ପ୍ରଦାନ କରୁଥିଲେ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି ଯୋଗଦେଇ ଆଚାର୍ଯ୍ୟ ହରିହର ଓ ବକୁଳ ବନର ପଂଚ ସଖା ମାନେ ଯେପରି ଦେଶ ଓ ସମାଜ ପାଇଁ କଣ୍ଟକିତ ପଥରେ ଯାଇ ଅତୁଳନୀୟ ସେବା ଓ ତ୍ୟାଗର ନିଦର୍ଶନ ଛାଡି ଯାଇଛନ୍ତି, ତାହା ସମସ୍ତଙ୍କ ପାଇଁ ଅନୁକରଣୀୟ ହୋଇଛି ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡଃ. ଗିରିଶ ପ୍ରସାଦ ସାଇଁ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କୁ ଶ୍ରୀ ଅରବିନ୍ଦଙ୍କ ସହ ତୁଳନା କରିଥିଲେ । ଆଚାର୍ଯ୍ୟ ହରିହର ଋଷି ପରି ଥିଲେ ମଧ୍ୟ ଶିକ୍ଷା ପ୍ରଦାନ ଦ୍ୱାରା କିପରି ଦେଶରେ ସାଧୀନତା ସଂଗ୍ରାମ ଓ ସମାଜରେ ବୈପ୍ଳବିକ ପରିବର୍ତନ ଅଣାଯାଏ, ତାହାର ଜ୍ୱଳନ୍ତ ଉଦାହରଣ ଆଚାର୍ଯ୍ୟ ଥିଲେ ବୋଲି ମୁଖ୍ୟବକ୍ତା ଡଃ. ସାଇଁ ପ୍ରକାଶ କରିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଆଚାର୍ଯ୍ୟ ହରିହରଙ୍କ ବାଗ୍ମିତା, ସଂଗଠନିକ ଦକ୍ଷତା ଓ ଆଦର୍ଶ ଶିକ୍ଷକତାର ବାଣୀ ଆମ ସମସ୍ତଙ୍କ ଜୀବନରେ ସ୍ଫୁଲିଙ୍ଗ ସୃଷ୍ଟିକରୁବୋଲି ପ୍ରକାଶ କରିଥିଲେ । ସୂଚନା ଅଧିକାରୀ ପ୍ରମିଳା ମାଝି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଶ୍ରୀ ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ ।

ପଠାଣି ରାଉତ
ସୂଚନା ଅଧିକାରୀ